# NATIONAL NEWS BULLETIN (ODIA)
## 3 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଅଶାଳୀନ ଆଚରଣ ଅଭିଯୋଗରେ ୮ ଜଣ ବିରୋଧୀ ସଦସ୍ୟ ନିଲମ୍ବିତ ।
- ସମାଜର ଅବହେଳିତ ବର୍ଗଙ୍କୁ ସହଯୋଗ ପ୍ରଦାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।
- ଆମେରିକା ସହ ଐତିହାସିକ ବାଣିଜ୍ୟ ଚୁକ୍ତି ନିରନ୍ତର ଧୈର୍ଯ୍ୟର ଫଳାଫଳ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତା ୬ ତାରିଖରେ ପ୍ରସାରଣ ହେବାକୁ ଥିବା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କଲେ ଅନୁରୋଧ ।

ଏବଂ

- ଆଉ ଅଳ୍ପ ସମୟ ପରେ ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ହେବ ଆରମ୍ଭ ।

## ଏଲ୍‌ଏସ୍‌-ଏମ୍‌ପି ସସ୍‌ପେନ୍‌ସନ୍

ଗୃହରେ ଅଶାଳୀନ ଆଚରଣ ଅଭିଯୋଗ ନେଇ ଲୋକସଭାର ୮ ଜଣ ବିରୋଧି ସଦସ୍ୟଙ୍କୁ ବଜେଟ୍ ଅଧିବେଶନର ଅବଶିଷ୍ଟ କାର୍ଯ୍ୟକ୍ରମରୁ ନିଲମ୍ବିତ କରାଯାଇଛି । ସେମାନେ ହେଲେ – କଂଗ୍ରେସର ମଣିକମ୍ ଟାଗୋର, ଅମ୍ରିନ୍ଦର ସିଂହ ରାଜା, ଗୁରୁଜିତ ସିଂହ ଆଉଜ୍‌ଲା, ହିବି ଇଡେନ୍, ଡିନ୍ କୁରିଆକୋଷ, ପ୍ରଶାନ୍ତ ପାଡୋଲେ ଏବଂ କିରଣ କୁମାର ରେଡ୍ଡୀ ଓ ସି.ପି.ଆଇ.ଏମ୍.ର ଏସ୍. ଭେଙ୍କଟେସନ୍ ।

ତୃତୀୟଥର ମୁଲତବୀ ପରେ ଅପରାହ୍ଣ ତିନିଟାରେ ଲୋକସଭାର ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧି ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ପୁଣି ଆରମ୍ଭ କରିଥିଲେ । ଗୃହର ଅଧ୍ୟକ୍ଷ ସେମାନଙ୍କର ଆଚରଣ ତଥା ଅଧ୍ୟକ୍ଷଙ୍କ ଆସନ ଉପରକୁ କାଗଜ ଫିଙ୍ଗିବା ଆଦି ବ୍ୟବହାର ନେଇ ଆପତ୍ତି ଉଠାଇଥିଲେ । ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଅଶାଳୀନ ବ୍ୟବହାର ତଥା ହଟ୍ଟଗୋଳ ନେଇ ଏହି ୮ ଜଣ ସଦସ୍ୟଙ୍କୁ ନିଲମ୍ବନ କରିବା ପାଇଁ ଏକ ସଂକଳ୍ପ ଆଗତ କରିଥିଲେ । ବାଚନିକ ଭୋଟ୍‌ରେ ଏହି ସଂକଳ୍ପ ଗୃହରେ ଗୃହିତ ହୋଇଥିଲା । ଏହା

ପରେ ଲୋକସଭାକୁ ଆସନ୍ତା ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ସୂଚନା ଯୋଗ୍ୟ ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା କ୍ଷଣି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆରମ୍ଭ ହୋଇଥିଲା । ପୂର୍ବତନ ସାଂସଦ ସ୍ୱରୂପ ସିଂହ ହରିୟା ନାୟକଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ ସହ ନିରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପରେ ଅପରାହ୍ଣ ୨ଟା ଏବଂ ପୁନର୍ବାର ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

ଅନ୍ୟ ପକ୍ଷରେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି । ଅଭିଭାଷଣ ଉପରେ ଗତକାଲି ଗୃହରେ ସାଂସଦ ସି. ସଦାନନ୍ଦ ମାଷ୍ଟର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରିଛନ୍ତି ।

# ରାଷ୍ଟ୍ରପତି-ଓଡ଼ିଶା

ସାମଗ୍ରୀକ ବିକାଶ, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ସମର୍ପଣ ହେଉଛି ସଫଳତାର ଚାବିକାଠି । ଅବହେଳିତଙ୍କୁ ସାହାଯ୍ୟ କରିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ରାଷ୍ଟ୍ରପତି ବାଲେଶ୍ୱରରୁ ଫେରି ପୁରୀରେ ପହଞ୍ଚିଛନ୍ତି । ପୁରୀ ଲୋକଭବନରେ ଆଜି ରାତ୍ରିଯାପନ କରିବେ । ଆସନ୍ତାକାଲି ସକାଳେ ଶ୍ୱେତଗଙ୍ଗା ତୀର୍ଥପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି । ପିଣ୍ଡଦାନ ପାରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ରାଷ୍ଟ୍ରପତି ଆସନ୍ତାକାଲି ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ତଥା ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଏନ୍‌ଡିଏ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆମେରିକା ସହିତ ଭାରତର ଐତିହାସିକ ବାଣିଜ୍ୟ ଚୁକ୍ତିନାମା ନିରନ୍ତର ଧୈର୍ଯ୍ୟର ଫଳାଫଳ । ଏନ୍.ଡି.ଏ. ସଂସଦୀୟ ଦଳ ବୈଠକକୁ ଆଜି ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଶୁଳ୍କକୁ ନେଇ ବିରୋଧୀଙ୍କ ପକ୍ଷରୁ ବହୁ ସମାଲୋଚନା ହୋଇଥିଲେ ମଧ୍ୟ ସରକାର ଧୈର୍ଯ୍ୟ ଧରି ରହିଥିଲେ । ଏହାର ଫଳାଫଳ ଏବେ ପ୍ରତିଫଳିତ ହୋଇଛି । ଆମେରିକା ସହ ବାଣିଜ୍ୟ ଚୁକ୍ତି ଦେଶ ପାଇଁ ଏକ ଅର୍ଥନୈତିକ ପରିବେଶ ସୃଷ୍ଟି କରିବା ସହ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସରକାରଙ୍କ ସ୍ଥିରତା ଏବଂ ଆଭିମୁଖ୍ୟକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଦେଶର ଜାତୀୟ ସ୍ୱାର୍ଥକୁ କେନ୍ଦ୍ରୀଭୂତ କରି ଆମେରିକା ସହିତ ଐତିହାସିକ ବାଣିଜ୍ୟ ଚୁକ୍ତି ହୋଇଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ବାରମ୍ବାର ଆଲୋଚନା ଏବଂ ଉଚ୍ଚ ପାରସ୍ପରିକ ଶୁଳ୍କ ଭଳି ଆହ୍ୱାନ ସତ୍ତ୍ୱେ ଭାରତ ଏହି ଚୁକ୍ତି ମାଧ୍ୟମରେ ନିଜ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ ବଜାର ପ୍ରବେଶକୁ ସୁନିଶ୍ଚିତ କରିପାରିଛି **।VO**

## ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆସନ୍ତା ୬ ତାରିଖରେ ପ୍ରସାରଣ ହେବାକୁ ଥିବା **ପରୀକ୍ଷା ପେ ଚର୍ଚ୍ଚା** ଆଲୋଚନା କାର୍ଯ୍ୟକ୍ରମ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ଯୁବପିଢ଼ିଙ୍କ ସହିତ ଭାବ ବିନିମୟ କରିବା ଅତ୍ୟନ୍ତ ଉତ୍ସାହଜନକ ଥିଲା । ଚାପମୁକ୍ତ ପରୀକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦୀ ଏ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା, ମାନସିକ ସନ୍ତୁଳନ ବଜାୟ ରଖିବା ଏବଂ ଦୃଢ଼ ଆତ୍ମବିଶ୍ୱାସ ଉପରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ମତବିନିମୟ କରିଛନ୍ତି । ଚଳିତ ଥର ଦେବମୁଗ୍ରା, କୋଏମ୍ବାଟୁର, ରାୟପୁର, ଗୁଆହାଟୀ ଏବଂ ଦିଲ୍ଲୀ ସ୍ଥିତ ୭ ଲୋକକଲ୍ୟାଣ ମାର୍ଗଠାରେ ଅନୁଷ୍ଠିତ ଅଧିବେଶନରେ ପରୀକ୍ଷା ଯୋଦ୍ଧାଙ୍କ ସହ ମତବିନିମୟ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି ।

## ମାଓବାଦୀ

ଭାରତୀୟ ସମ୍ବିଧାନ ଅନୁସାରେ, ଗଣତାନ୍ତ୍ରିକ ଓ ଆଇନ୍‌ଗତ ବ୍ୟବସ୍ଥା ମଧ୍ୟରେ ସମାଜର ଉପେକ୍ଷିତ ବର୍ଗଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଓଡ଼ିଶା ମାଓବାଦୀ ରାଜ୍ୟ କମିଟିର ଦୁଇ ସଦସ୍ୟ

ନିଖିଲ ଓରଫ୍ ନିରଞ୍ଜନ ରାଉତ ଓ ଇନ୍ଦୁ ଓରଫ ଅଙ୍କିତା/ରସ୍ମିତା ଲେଙ୍କା ମତ ବ୍ୟକ୍ତ କରିଛନ୍ତି । ରାଜ୍ୟ ସରକାର ଓ ଗୃହ ବିଭାଗକୁ ଲେଖିଥିବା ପତ୍ରରେ ଏହି ଦୁଇ ମାଓବାଦୀ କହିଛନ୍ତି, ସଶସ୍ତ୍ର ସଂଘର୍ଷ ପରିତ୍ୟାଗ କରି ଜନଭାଗିଦାରୀ ରାସ୍ତାରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ହକ୍ ପାଇଁ ଆନ୍ଦୋଳନ ଜାରି ରଖିବା ସମୟୋପଯୋଗୀ ହେବ ।

ପରିବର୍ତ୍ତିତ ପରିସ୍ଥିତିରେ ସଶସ୍ତ୍ର କ୍ରାନ୍ତିର ରାସ୍ତା ଠିକ୍ ନୁହେଁ, ବରଂ ସମ୍ବିଧାନ ଓ ଆଇନ୍‌ଗତ ବ୍ୟବସ୍ଥାରେ ଲୋକମାନଙ୍କ ମଧ୍ୟରେ ରହି ଜଳ, ଜମି, ଜଙ୍ଗଲ ଓ ଅଧିକାରର ବିଚାରଧାରାକୁ ସକାରାତ୍ମକ ଭାବେ ଉପସ୍ଥାପନ କରାଯାଇପାରିବ । ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧଣି ସେମାନେ ଜାରି ରଖିଥିବା ହିଂସାତ୍ମକ ମାଓବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ବୋଲି ଦୁଇ ମାଓନେତା ଚିଠିରେ ଉଲ୍ଲେଖ କରିଛନ୍ତି ।

ସରକାରଙ୍କଠାରୁ ସକାରାତ୍ମକ ତଥା ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିଲା ପରେ ନିରଞ୍ଜନ ରାଉତ ଓ ରସ୍ମିତା ଲେଙ୍କା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ଏହା ସହିତ ସେମାନଙ୍କର ଅନ୍ୟ ସହଯୋଗୀ ମାଓବାଦୀମାନଙ୍କୁ ହିଂସାତ୍ମକ କାର୍ଯ୍ୟକଳାପ ପରିଥ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସାମ୍ବିଧାନିକ ପଥରେ ଫେରିବାକୁ ପ୍ରବର୍ତ୍ତାଇବେ ବୋଲି କହିଛନ୍ତି ।

ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିୟା ଏବଂ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ – (ଏଏନ୍ଓ) ସଞ୍ଜୀବ ପଣ୍ଡା ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ସରକାର ଚାହାନ୍ତି ଯେ, ନକ୍ସଲ ଓ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ଧାରାକୁ ଫେରିଆସନ୍ତୁ । ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ସୁରକ୍ଷିତ ସହିତ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଆଶ୍ୱାସନା ଦେଇଛନ୍ତି ।

# ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟର୍‌ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ । ଭଦୋଦରାର କୋଟାମ୍ବି ସ୍ଥିତ ବି.ସି.ଏ. ଷ୍ଟାଡିୟମ୍ ଠାରେ ଗୁଜରାଟ ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଛି । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ର ବିଜେତା ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବ । ଆସନ୍ତା ଗୁରୁବାର ଦିନ ଫାଇନାଲ୍ ପର୍ଯ୍ୟାୟରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଆଜିର ବିଜେତା ଦଳ ଖେଳିବେ ।